# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 7 July – 2026

*************************************

## ମୁଖ୍ୟ ସମ୍ବାଦ

- ପରିବେଶ ସୁରକ୍ଷା ପାଇଁ ମହାନଦୀ ସହ ୭ଟି ପ୍ରମୁଖ ନଦୀ ପାର୍ଶ୍ୱରେ ସୃଷ୍ଟି ହେବ ସବୁଜ ବଳୟ; କହିଲେ ମୁଖ୍ୟମନ୍ତ୍ରୀ
- ଜନଜାତି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଟ୍ରାଇବେକ୍ସ ଡିଜିଟାଲ ଶିକ୍ଷା ମଂଚର ହେଲା ଶୁଭାରମ୍ଭ
- ରାଜ୍ୟରେ ଜମି କିଣାବିକା ନଗଦବିହୀନ ହେବା ନେଇ ରାଜସ୍ୱ ମନ୍ତ୍ରୀଙ୍କ ସୂଚନା

ଏବଂ

- ୨୦୨୬-୨୭ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ଗବେଷଣା ବୃତ୍ତି ସଂକ୍ରାନ୍ତ ବିଜ୍ଞପ୍ତି ପ୍ରକାଶ

# ମୁଖ୍ୟମନ୍ତ୍ରୀ-ବନ ମହୋତ୍ସବ

ଚଳିତ ଆର୍ଥିକବର୍ଷରେ ରାଜ୍ୟରେ ୨ ହଜାର ୭୦୨ ହେକ୍ଟର ଜମିରେ ୯ ଲକ୍ଷ ଚାରାରୋପଣ ପାଇଁ ଲକ୍ଷ୍ୟ  ଧାର୍ଯ୍ୟ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱରସ୍ଥିତ କପିଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ୭୬ତମ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୨୫-୨୬ ଆର୍ଥିକବର୍ଷରେ ୭୨୪ ହେକ୍ଟର ନଦୀପାର୍ଶ୍ୱ ଅଂଚଳରେ ୫ ଲକ୍ଷ ୬୫ ହଜାର ଚାରାରୋପଣ କରାଯାଇଛି।

ରାଜ୍ୟରେ ମିଶନ ମୋଡ୍‌ରେ ବନସୁରକ୍ଷା କାର୍ଯ୍ୟ ଜାରି ରହିଛି। ମହାନଦୀ ଅବବାହିକାରେ ସବୁଜ ମହାନଦୀ ମିଶନ ମାଧ୍ୟମରେ ଚାରାରୋପଣ କରାଯିବା ସହିତ ତେଲ୍, ଇବ୍, ବ୍ରାହ୍ମଣୀ, ବୈତରଣୀ, ଋଷିକୂଲ୍ୟା ଓ ବଂଶଧାରା ନଦୀର ଦୁଇ ପାର୍ଶ୍ୱରେ ସବୁଜ ବଳୟ ସୃଷ୍ଟି କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି.... **- V/O -**

ଆମ ଜଙ୍ଗଲ ଯୋଜନା ଅଧୀନରେ ଜଙ୍ଗଲ ପୁନରୁଦ୍ଧାର ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନରେ ଓଡ଼ିଶାରେ ୮ କୋଟି ୧୨ ଲକ୍ଷ ଚାରା ରୋପଣ ସଂପୂର୍ଣ୍ଣ କରାଯାଇ ରକ୍ଷଣାବେକ୍ଷଣ କରାଯାଉଛି।

ସହରାଞ୍ଚଳରେ ପ୍ରଦୂଷଣ ହ୍ରାସ ଲକ୍ଷ୍ୟ ନେଇ ଏହି ଯୋଜନା ଅଧୀନରେ ପ୍ରାୟ ୬ ଲକ୍ଷ ୯୫ ହଜାର ଚାରା ରୋପଣର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଆମ ଜଙ୍ଗଲ ଯୋଜନା ଅଧୀନରେ ୧୯ ହଜାର ୯୭୫ ହେକ୍ଟର ଉଜୁଡା

ଜଙ୍ଗଲର ପୁନରୁଦ୍ଧାର କରାଯିବ। ଏହି ଯୋଜନାରେ ୪୩ ଲକ୍ଷ ୧୮ ହଜାର ସ୍ଥାନୀୟ ହିତାଧିକାରୀଙ୍କୁ ସାମିଲ କରାଯିବାର ଲକ୍ଷ୍ୟ ରଖାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗତ ପହିଲାରୁ କେନ୍ଦ୍ର ଏବଂ ରାଜ୍ୟ ମିଳିତ ସହଯୋଗରେ ରାଜ୍ୟରେ ଭିବି-ଜି.ରାମ.ଜି ଯୋଜନା କାର୍ଯ୍ୟକାରୀ ହୋଇଛି। ଚାରାରୋପଣ ସହ ଲୋକଙ୍କୁ ଆର୍ଥିକ କ୍ଷେତ୍ରରେ ଏହି ଯୋଜନା ଅଧିକ ସଶକ୍ତ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି। ରାଜ୍ୟରେ ଯୁଗ୍ମ ଜଙ୍ଗଲ ପରିଚାଳନାରେ ପ୍ରାୟ ୧୬ ହଜାର ୨୦୯ ବନ ସୁରକ୍ଷା ସମିତି ଓ ୫୭୯ଟି ପରିବେଶ ଉନ୍ନୟନ କମିଟି ଦ୍ୱାରା ୧୩ ହଜାର ୯୩୩ ବର୍ଗକିଲୋମିଟରରୁ ଊର୍ଦ୍ଧ୍ୱ ଜଙ୍ଗଲର ସୁରକ୍ଷା ଓ ଉତ୍ତମ ପରିଚାଳନା କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଜଙ୍ଗଲ ସୁରକ୍ଷା ଏବଂ ବନୀକରଣ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ପ୍ରଦାନ କରିଥିବା ଦୁଇଟି ସମିତିକୁ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ କରାଯାଇଛି।

## ରାଜ୍ୟପାଳ

ବିଶ୍ୱବ୍ୟାପୀ ସଂସ୍କୃତ ଭାଷାର ଗୁରୁତ୍ୱ ଏବଂ ଭାରତୀୟ ଜ୍ଞାନ ପରମ୍ପରାରେ ଏହାର ଅବଦାନ ଉପରେ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି ଆଲୋକପାତ କରିଛନ୍ତି। ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ୪୬ତମ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେଇ କୁଳାଧିପତି ତଥା ରାଜ୍ୟପାଳ ଡକ୍ଟର କମ୍ଭମପାଟି ସଂସ୍କୃତ ଭାଷା ସମସ୍ତ ଭାରତୀୟ ଭାଷାର ଜନନୀ ବୋଲି କହିଛନ୍ତି।

ଏହି ଅବସରରେ ବିଶ୍ୱବିଦ୍ୟାଳୟର ମୁଖପତ୍ର 'ଶ୍ରୀବିହାର ଭାରତୀ' ଏବଂ ଗବେଷଣାତ୍ମକ ପତ୍ରିକା 'ଜଗନ୍ନାଥଜ୍ୟୋତିଃ' ରାଜ୍ୟପାଳ ଉନ୍ମୋଚନ କରିଛନ୍ତି। ବିଭିନ୍ନ ବିଭାଗରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିବା ଛାତ୍ରଛାତ୍ରୀଙ୍କୁ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମେଧାବୀ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି।

## ଟ୍ରାଇବେକ୍ସ

କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜନଜାତି ଗବେଷଣା ପ୍ରତିଷ୍ଠାନଗୁଡ଼ିକର ସଶକ୍ତୀକରଣ ଉଦ୍ଦେଶ୍ୟରେ ଆଜିଠାରୁ ଦୁଇଦିନିଆ ଜାତୀୟ କର୍ମଶାଳା ଆରମ୍ଭ ହୋଇଛି। ଭୁବନେଶ୍ୱରରେ ଆୟୋଜିତ କର୍ମଶାଳାକୁ ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଉଦ୍‌ଘାଟନ କରିଛନ୍ତି। ଏହି ଅବରସରେ **ଟ୍ରାଇବେକ୍ସ** ଡିଜିଟାଲ ଶିକ୍ଷା ମଂଚର ଶୁଭାରମ୍ଭ ହୋଇଛି। ଏଥିରେ ଜନଜାତି କଳା, ସଂସ୍କୃତି, ଭାଷା ଏବଂ ପାରମ୍ପରିକ ଜ୍ଞାନର ସଂରକ୍ଷଣ ତଥା ପ୍ରସାର କରାଯିବ। ଏହି ପ୍ଲାଟଫର୍ମରେ ଡିଜିଟାଲ ଏକାଡେମୀ କାର୍ଯ୍ୟକ୍ଷମ ହେବା ସହ ଜନଜାତିଙ୍କ କଳାକୁ ନେଇ ବିଭିନ୍ନ ମାନ୍ୟତା ପ୍ରାପ୍ତ ଡିପ୍ଲୋମା ପାଠ୍ୟକ୍ରମ ଉପଲବ୍ଧ ହେବ। ଏହା ସହ ଜନଜାତି ସାହିତ୍ୟ, ମୌଖିକ ପରମ୍ପରା ଓ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରିବା ପାଇଁ ଏକ ଐତିହ୍ୟ ଅଭିଲେଖାଗାର ମଧ୍ୟ ରହିଛି। କାର୍ଯ୍ୟକ୍ରମରେ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଓ ବାରଣାସିସ୍ଥିତ ସଂପୂର୍ଣ୍ଣାନନ୍ଦ ସଂସ୍କୃତି ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

## ମୁଖ୍ୟମନ୍ତ୍ରୀ ଫେଲୋସିପ୍

୨୦୨୬-୨୭ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ଗବେଷଣା ଫେଲୋସିପ୍ ସଂକ୍ରାନ୍ତ ବିଜ୍ଞପ୍ତି ପ୍ରକାଶ ପାଇଛି। ସାମ୍ସ୍ ପୋର୍ଟାଲ ମାଧ୍ୟମରେ ଏଥିପାଇଁ ଆବେଦନ

କରାଯାଇପାରିବ। ଉଚ୍ଚଶିକ୍ଷା ବିଭାଗ ଅଧୀନସ୍ଥ ସରକାରୀ ବିଶ୍ୱବିଦ୍ୟାଳୟ ଏବଂ ରାଜ୍ୟର ଅନ୍ୟାନ୍ୟ ପ୍ରତିଷ୍ଠାନରେ ପିଏଚ୍‌ଡି ପଞ୍ଜୀକୃତ ଛାତ୍ରଛାତ୍ରୀ ଏଥିପାଇଁ ଆବେଦନ କରିପାରିବେ। ଆସନ୍ତା ୩୦ ତାରିଖ ରାତି ଏଗାରଟା ୪୫ ମିନିଟ୍ ପର୍ଯ୍ୟନ୍ତ ଆବେଦନର ସମୟସୀମା ଧାର୍ଯ୍ୟ କରାଯାଇଛି। ଆସନ୍ତାମାସ ୫ ତାରିଖରେ ଆବେଦନକାରୀଙ୍କ ଯୋଗ୍ୟତା ନେଇ ଦାଖଲ ଆବେଦନପତ୍ରଗୁଡ଼ିକର ଯାଞ୍ଚ କରାଯିବ। ଯାଞ୍ଚ ପରେ ପରବର୍ତ୍ତୀ ପଦକ୍ଷେପ ନେଇ ସମସ୍ତ ସୂଚନା ସାମ୍ସ୍ ପୋର୍ଟାଲରେ ପ୍ରଦାନ କରାଯିବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

## ସୁରେଶ ପୂଜାରୀ

ରାଜ୍ୟରେ ଜମି କିଣାବିକା ନଗଦବିହୀନ ହେବ ବୋଲି  ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଜମି ପଞ୍ଜୀକରଣ କାର୍ଯ୍ୟାଳୟକୁ ଦଲାଲମୁକ୍ତ କରିବା ପାଇଁ ଏହିଭଳି ନିଷ୍ପତ୍ତି ନିଆଯାଇଛି। ଅନ୍‌ଲାଇନ୍ ପଞ୍ଜୀକରଣ ହେବା ଦ୍ୱାରା ଜନସାଧାରଣଙ୍କୁ ବାରମ୍ବାର କାର୍ଯ୍ୟାଳୟକୁ ଆସିବାକୁ ପଡିବ ନାହିଁ। ପଞ୍ଜୀକରଣ ପରେ ଦଲିଲ ମଧ୍ୟ ଅନ୍‌ଲାଇନ୍‌ରେ ଉପଲବ୍ଧ ହେବ। ଏ ନେଇ ରାଜସ୍ୱ ବିଭାଗ ପକ୍ଷରୁ ଖୁବ୍ ଶୀଘ୍ର ମାର୍ଗଦର୍ଶିକା ଜାରି କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

**- V/O -**

ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ଭୁବନେଶ୍ୱରରେ ନୂତନ ରାଜସ୍ୱ ଭବନ ନିର୍ମାଣ ହେବ। ୧୦ ମହଲାବିଶିଷ୍ଟ କୋଠା ନିର୍ମାଣ ହେବା ସହ ଏଥିପାଇଁ

୬୦୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଗୋଟିଏ ଭବନରେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ, ଏନ୍‌ଡିଆରଏଫ୍, ଅଗ୍ନିଶମ ଏବଂ ଓଡ୍ରାଫ ଭଳି ସମସ୍ତ ବିଭାଗ କାର୍ଯ୍ୟକ୍ଷମ ହେବ ବୋଲି ମନ୍ତ୍ରୀ କହିଛନ୍ତି।

## ଇସ୍ପାତ ଦର

ସିମେଣ୍ଟ ଏବଂ ଇସ୍ପାତ୍ ଦର ନିର୍ଦ୍ଧାରଣ ସଂକ୍ରାନ୍ତ ନୂତନ ମାର୍ଗଦର୍ଶିକା ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି କରାଯାଇଛି। ଏଣିକି ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଏହି ଦର ଚୂଡାନ୍ତ କରିବ। ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅଧୀନରେ କାର୍ଯ୍ୟକାରୀ ହେଉଥିବା ଉନ୍ନୟନମୂଳକ ପ୍ରକଳ୍ପରେ ବ୍ୟବହାର ହେବାକୁ ଥିବା ସିମେଣ୍ଟ ଏବଂ ଇସ୍ପାତ ଦର ନିର୍ଦ୍ଧାରଣ ନେଇ ଏକକ ବ୍ୟବସ୍ଥା ଲାଗୁ କରାଯିବା ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲ୍ଲାଭିତ୍ତିକ ଦର ଚୂଡାନ୍ତ ନେଇ ମାର୍ଗଦର୍ଶିକାରେ ଉଲ୍ଲେଖ କରାଯାଇଛି। ଦର ନିର୍ଦ୍ଧାରଣରେ ସ୍ୱଚ୍ଛତା ଆସିବା ସହ ପ୍ରକଳ୍ପ କାର୍ଯ୍ୟକାରିତାରେ ବିଳମ୍ବ ହେବ ନାହିଁ ବୋଲି ଆଶା କରାଯାଉଛି। ପ୍ରତି ତିନି ମାସ ଅନ୍ତରରେ ଏହି କମିଟି ବସି ସିମେଣ୍ଟ ଏବଂ ଇସ୍ପାତ ଦର ଚୂଡାନ୍ତ କରିବେ ବୋଲି ମାର୍ଗଦର୍ଶିକାରେ କୁହାଯାଇଛି।

ରାଜ୍ୟରେ ସିମେଣ୍ଟ ଉତ୍ପାଦନ କରୁଥିବା କମ୍ପାନୀଗୁଡ଼ିକ ଜିଲ୍ଲା ପରିଷଦ ନିକଟରୁ ସିଧାସଳଖ ଭାବେ ଦର ନିର୍ଦ୍ଧାରଣ ସଂକ୍ରାନ୍ତ ସୂଚନା ପାଇପାରିବେ। ତିନୋଟି କମ୍ପାନୀର ହାରାହାରି ଦର ଆଧାରରେ ଚୂଡାନ୍ତ ଦର ସ୍ଥିର କରାଯିବ ବୋଲି ଜଣାପଡିଛି। ଇସ୍ପାତ କ୍ଷେତ୍ରରେ ଏସ୍.ଏ.ଆଇ.ଏଲ୍ ଦରକୁ ପ୍ରାଥମିକତା

ପ୍ରଦାନ କରାଯିବ। ଏସ୍.ଏ.ଆଇ.ଏଲ୍'ର ଇସ୍ପାତ ଉପଲବ୍ଧ ନଥିଲେ ପୂର୍ତ୍ତ ବିଭାଗ ଅନୁମୋଦିତ ଅନ୍ୟ କମ୍ପାନୀର ଦରକୁ ବିଚାରକୁ ନିଆଯାଇପାରିବ ବୋଲି ମାର୍ଗଦର୍ଶିକାରେ ସ୍ପଷ୍ଟ କରାଯାଇଛି।

## ମୋଟରଯାନ

ରାଜ୍ୟରେ ସଡକ ଦୁର୍ଘଟଣାକୁ ପ୍ରତିହତ କରିବା ଏବଂ ସୁରକ୍ଷାକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ଆଇନ୍ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ସ୍ୱତନ୍ତ୍ର ଯାଞ୍ଚ ଅଭିଯାନ ଜାରି ରହିଛି। ବାରମ୍ବାର ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ନିର୍ଦ୍ଦେଶ ଦେଇଛନ୍ତି। ଜୋରିମାନା ସହ ମୋଟରଯାନ ନିୟମ ଅନୁଯାୟୀ, ଗାଡିଗୁଡ଼ିକୁ ଜବତ କରିବା ପାଇଁ କୁହାଯାଇଛି। ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଏ ସଂକ୍ରାନ୍ତ ନିର୍ଦ୍ଦେଶାବଳୀ ସମସ୍ତ ଆଂଚଳିକ ପରିବହନ ଅଧିକାରୀ ଏବଂ ଏନ୍‌ଫୋର୍ସ୍‌ମେଣ୍ଟ ଅଧିକାରୀଙ୍କୁ ଅବଗତ କରାଯାଇଛି। ଏପ୍ରିଲରୁ ଜୁନ୍ ମଧ୍ୟରେ ଗ୍ରହଣ କରାଯାଇଥିବା ପଦକ୍ଷେପରୁ ଜଣାପଡିଛି ରାଜ୍ୟରେ ନିୟମ ଉଲ୍ଲଙ୍ଘନ ନେଇ ୧ ଲକ୍ଷ ୬୪ ହଜାର ୮୮୨ଟି ଚାଲାଣ କଟାଯାଇଥିବାବେଳେ ମାତ୍ର ୪୨୮ଟି ଗାଡି ଜବତ କରାଯାଇଛି। ଫିଟ୍‌ନେସ୍ ପ୍ରମାଣ ନଥିବା ଗାଡିଗୁଡ଼ିକ ବିରୋଧରେ ଅନୁରୂପ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଛି।

## ଏକ୍ସପ୍ରେସ୍ ଟ୍ରେନ୍

ପୁରୀ-କୋରାପୁଟ ଏକ୍ସପ୍ରେସ୍ ଟ୍ରେନ୍ ଆସନ୍ତା ୧୧ ତାରିଖରୁ ପୁରୀରୁ ଚଳାଚଳ ଆରମ୍ଭ କରିବ। କୋରାପୁଟରୁ ଟ୍ରେନ୍‌ଟି ପୁରୀ ଅଭିମୁଖେ ୧୨ ତାରିଖରୁ ଚଳାଚଳ କରିବ ବୋଲି ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି। ସପ୍ତାହକୁ ୩ ଦିନ ଚାଲିବାକୁ ଥିବା ଏହି ଟ୍ରେନ୍‌ଟି ପୁରୀରୁ ପ୍ରତ୍ୟେକ ସୋମବାର, ଗୁରୁବାର ଏବଂ ଶନିବାର ଯାତ୍ରା ଆରମ୍ଭ କରିବା ସହିତ କୋରାପୁଟରୁ ପୁରୀ ଅଭିମୁଖେ ପ୍ରତ୍ୟେକ ମଙ୍ଗଳବାର, ଶୁକ୍ରବାର ଏବଂ ରବିବାର ଚଳାଚଳ କରିବ।

## ପାଣିପାଗ-ବନ୍ୟା ସ୍ଥିତି

ରାଜ୍ୟରେ ଲଗାଣ ବର୍ଷା ସ୍ଥିତି ପରେ ଆଜି ବିଭିନ୍ନ ସ୍ଥାନରେ ବର୍ଷାର ପରିମାଣ ହ୍ରାସ ପାଇଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବର୍ଷା ହେବା ନେଇ କୌଣସି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇ ନାହିଁ। ତେବେ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ଅନୁମାନ କରାଯାଇଛି।

ଅପରପକ୍ଷରେ, ରାଜ୍ୟରେ ବନ୍ୟା ସ୍ଥିତି ଉପୁଜି ନାହିଁ ବୋଲି ଜଳସମ୍ପଦ ବିଭାଗର ମୁଖ୍ୟ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ଚୌଧୁରୀ କହିଛନ୍ତି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗତକାଲି ବନ୍ୟା ସ୍ଥିତିର ସମୀକ୍ଷା କରି ରାଜ୍ୟ ସରକାର କୌଣସି ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ଥିବା ସୂଚନା ଦେଇଥିଲେ।

ସନ୍ଧ୍ୟା ୬ଟା ସୁଦ୍ଧା ହୀରାକୁଦ ଜଳସ୍ତର ୬୦୭ ଦଶମିକ ୮/୭ ଫୁଟ ରହିଛି। ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୨ ଲକ୍ଷ ୨୬ ହଜାର ୨୯୪ ଘନଫୁଟ୍ ଜଳ ପ୍ରବେଶ କରୁଥିବାବେଳେ ୨୮ ହଜାର ୯୫୫ ଘନଫୁଟ ଜଳ ନିଷ୍କାସିତ ହେଉଛି।